# ଡେଙ୍ଗୁ ପ୍ରତିରୋଧ ମାସ ପାଳନ ।

## Observance of Anti Dengu month.

ଅନୁଗୋଳ,ତା.୨୦.୦୭:- ଜୁଲାଇ ମାସ ବର୍ଷା ଦିନରେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଅଧିକ ଆଶଙ୍କା ଥିବାରୁ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଆଜି ପୂର୍ବାହ୍ଣରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଡେଙ୍ଗୁ ପ୍ରତିରୋଧ ମାସ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ ଯୋଗ ଦେଇ ଡେଙ୍ଗୁ ରୋଗର ପ୍ରାର୍ଦୁଭାବ ଓ ଏହାର ନିରାକରଣ ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ସମସ୍ତଙ୍କୁ ସଚେତନ କରି ଏହି ଡେଂଗୁ ରୋଗକୁ ଆମ ଜିଲ୍ଲାରୁ ସମୁଳେ ନିରାକରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି ଡେଂଗୁ ରୋଗର ନିରାକରଣ ନିମନ୍ତେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଭି ଭି ଡି କନସଲଟାଣ୍ଟ ନିରୁପମା ଦାସ ପାୱାର ପଏଣ୍ଟ ମାଧ୍ୟମରେ ଡେଂଗୁ ରୋଗର ଲକ୍ଷଣ, ଏହାର ବଂଶ ବିସ୍ତାର ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ । ନିଜ ଘର ଓ ବାହାରକୁ ସଫା ସୁତରା ରଖିବା ସହ କୌଣସି ସ୍ଥାନରେ ସ୍ଥାୟୀ ଭାବେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ମଶା ବଂଶକୁ ନିପାତ କରିବା ନିମନ୍ତେ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ସହ ସଫେଇ ଓ ସଚେତନତା କାର୍ଯ୍ୟକୁ ବ୍ୟାପକ ଭାବେ କରାଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକା ଦ୍ୱାରା ସ୍ୱତନ୍ତ୍ର ଦଳ ଗଠନ କରାଯାଇ ମଶା ବଂଶ ବୃଦ୍ଧିକୁ ନିୟନ୍ତ୍ରଣ କରିବା ନିମନ୍ତେ ଫଗି ଓ ସ୍ପ୍ରେ କରିବା,ବୁଦା ସଫା କରିବା,ଡ୍ରେନ ଗୁଡିକୁ ନିୟମିତ ସଫା କରିବା, ଓଭରହେଡ ପାଣି ଟାଙ୍କିକୁ ଘୋଡାଇ ରଖିବା, ସର୍ବଦା ମଶାରୀ ବ୍ୟବହାର କରିବା ଓ କଠିନ ତଥା ତରଳ ବର୍ଜ୍ୟବସ୍ତୁ ପରିଚାଳନା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରତାପ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଫେଇ ଓ ସଚେତନତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଡେଂଗୁ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ପ୍ରକାଶଥାଉକି ୨୦୧୧ ମସିହାରେ ଅନୁଗୋଳ ଜିଲ୍ଲାରେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିଥିଲା । ସମୁଦାୟ ୩୦୧ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ସର୍ବାଧିକ ୨୩ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ସେହିପରି ୨୦୧୨ ମସିହାରେ ୯୨ ଜଣ ଡେଂଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୩ ମସିହାର ୭୮୨ ଜଣ ଚିହ୍ନଟ ହୋଇ ୩ ଜଣ ମୃତ୍ୟୁବରଣ କରିଥିଲେ । ୨୦୧୪ ମସିହାରେ ୫୪ ଜଣ ରୋଗୀଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ୨୦୧୫ ମସିହାରେ ୫୬ ଜଣ ଓ ୨୦୧୬ ମସିହାରେ ୪୫ ଜଣ ଆକ୍ରାନ୍ତ ହୋଇ କେହି ମୃତ୍ୟୁବରଣ କରିନାହାନ୍ତି । ୨୦୧୭ ଓ ୨୦୧୮ ମସିହାରେ ୨ଟି ଲୋକାଲ ସ୍ଥାନାନ୍ତରଣ କେଶ୍ ଚିହ୍ନଟ ହୋଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ଏମ୍ ଓ(ଜନସ୍ୱାସ୍ଥ୍ୟ) ଡା.ରାଜେଶ କୁମାର ସାହୁ , ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ଡି ପି ଏମ୍ ,ଏନ୍ ଏଚ୍ ଏମ୍ ଶ୍ରୀ ବିଶ୍ୱ ରଂଜନ ରଥଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଡାକ୍ତର, ଅଙ୍ଗନବାଡି କର୍ମୀ ,ଆଶା ,ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


OBSERVANCE OF ANTI DENGUE
MONTH AT DISTRICTLEVEL
ON 20TH JULY 2019